# NATIONAL NEWS BULLETIN (ODIA)

## 16 May - 2024

## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ସପ୍ତମ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତାକାଲି ହେଉଛି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ ।
- ଭାରତର ଶକ୍ତିକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିବାକୁ ହେଲେ ଏକ ଦୃଢ଼ ସରକାରର ଆବଶ୍ୟକତା ରହିଛି, କହିଲେ ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ୪୧ଟି ସାଧାରଣ ବ୍ୟବହୃତ ଔଷଧ ଏବଂ ୬ଟି ଫର୍ମୁଲେସନ୍‌ର ମୂଲ୍ୟ ହ୍ରାସ କଲେ କେନ୍ଦ୍ର ସରକାର ।
- ଚୀନ୍ ଓ ରୁଷ ମଧ୍ୟରେ ବ୍ୟାପକ ରଣନୈତିକ ଭାଗିଦାରୀକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଦୁଇ ଦେଶର ରାଷ୍ଟ୍ରପତି ଜାରି କଲେ ମିଳିତ ବିବୃତି ।

ଏବଂ

- ବର୍ଷା ଯୋଗୁଁ ବିଳମ୍ବ ହୋଇଛି ଆଇପିଏଲ୍ କ୍ରିକେଟ୍‌ରେ ଆଜି ହେବାକୁ ଥିବା ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଏବଂ ଗୁଜରାଟ୍ ଟାଇଟନ୍ସ ମଧ୍ୟରେ ମୁକାବିଲା ।

## ସେଭେନ୍ ଫେଜ୍ ଇଲେକ୍‌ସନ୍

ଆସନ୍ତା ଜୁନ୍ ପହିଲାରେ ଅନୁଷ୍ଠିତ ହେବାକୁ ଥିବା ସପ୍ତମ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତାକାଲି ହେଉଛି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ। ଗତକାଲି ପ୍ରାର୍ଥୀପତ୍ର ଗୁଡ଼ିକର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୭ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳର ୫୭ଟି ଲୋକସଭା ଆସନ ପାଇଁ ମତଗ୍ରହଣ କରାଯିବ । ସେଥିମଧ୍ୟରେ ଉତ୍ତରପ୍ରଦେଶ ଓ ପଞ୍ଜାବର ୧୩ଟି ଲେଖାଏଁ, ପଶ୍ଚିମବଙ୍ଗର ୯ଟି, ବିହାରର ୮ଟି, ଓଡ଼ିଶାର ୬ଟି, ହିମାଚଳ ପ୍ରଦେଶର ୪ଟି, ଝାଡ଼ଖଣ୍ଡର ୩ଟି ଏବଂ ଚଣ୍ଡିଗଡ଼ କେନ୍ଦ୍ରଶାସିତ ଅଞ୍ଚଳର ଗୋଟିଏ ଆସନ ଅନ୍ତର୍ଭୁକ୍ତ ।

ଏହି ପର୍ଯ୍ୟାୟରେ ଓଡ଼ିଶାର ମୟୂରଭଞ୍ଜ, ବାଲେଶ୍ୱର, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଏବଂ ଯାଜପୁର ସଂସଦୀୟ କ୍ଷେତ୍ର ସମେତ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ପାଇଁ ଭୋଟ ଗ୍ରହଣ କରାଯିବ ।

ଗତକାଲିର ଯାଞ୍ଚ ପ୍ରକ୍ରିୟା ପରେ ଚଣ୍ଡିଗଡ଼ କେନ୍ଦ୍ରଶାସିତ ଅଞ୍ଚଳ ଲୋକସଭା ଆସନ ପାଇଁ ୨୦ ଜଣ ପ୍ରାର୍ଥୀଙ୍କର ନାମାଙ୍କନପତ୍ର କାଏମ୍ ରହିଛି । ଚଣ୍ଡିଗଡ଼ର ରିଟର୍ଣ୍ଣିଂ ଅଫିସର ତଥା ଉପ-ନିର୍ବାଚନ ଅଧିକାରୀ ବିନୟ ପ୍ରତାପ ସିଂହ କହିଛନ୍ତି, ଏହି ଆସନ ପାଇଁ ୨୭ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ । ଯାଞ୍ଚ୍ ବେଳେ ୭ଟି ଖାରଜ ହୋଇଯାଇଛି । ନାମାଙ୍କନପତ୍ର କାଏମ ରହିଥିବା ପ୍ରାର୍ଥୀଙ୍କ ମଧ୍ୟରେ କଂଗ୍ରେସର ମନୀଷ ତିଓ୍ୱାରୀ, ବିଏସ୍‌ପିର ଋତୁ ସିଂହ, ବିଜେପିର ସଞ୍ଜୟ ଟଣ୍ଡନ ଆଦି ଅନ୍ତର୍ଭୁକ୍ତ ।

# ପିଏମ୍-ୟୁପି

ଦେଶରେ ପରବର୍ତ୍ତୀ ପର୍ଯ୍ୟାୟ ନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ରାଜନୈତିକ ଦଳ ଗୁଡ଼ିକର ବରିଷ୍ଠ ନେତା ଏବଂ ଷ୍ଟାର୍ ପ୍ରଚାରକମାନେ ପ୍ରଚାର କାର୍ଯ୍ୟକୁ ଜୋର୍‌ଦାର କରିଛନ୍ତି । ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବିଜେପି ଦେଇଥିବା ପ୍ରତିଶ୍ରୁତିକୁ ସବୁ ବେଳେ ପାଳନ କରିଥାଏ, ସି.ଏ.ଏ. ଏହାର ଏକ ଜ୍ୱଳନ୍ତ ଉଦାହରଣ ।

ଉତ୍ତର ପ୍ରଦେଶର ଜୌନପୁର ଜିଲ୍ଲାରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧନ କରି ସେ କହିଛନ୍ତି, ଭାରତର ଶକ୍ତିକୁ ବିଶ୍ୱ ସମ୍ମୁଖରେ

ଉପସ୍ଥାପନ କରିବାକୁ ହେଲେ ଏକ ଦୃଢ଼ ସରକାରର ଆବଶ୍ୟକତା ରହିଛି । ସେ କହିଛନ୍ତି, ପୂର୍ବରୁ ବିକାଶ କେବଳ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସୀମିତ ଥିଲା କିନ୍ତୁ ଏନ୍.ଡି.ଏ. ସରକାର ଅମଳରେ ଏହା ଦେଶର କୋଣଅନୁକୋଣରେ ପହଞ୍ଚିଛି ।

ଆଜମଗଡ଼ ଜିଲ୍ଲାର ଲାଲଗଞ୍ଜ ଅଞ୍ଚଳରେ ଅନ୍ୟ ଏକ ନିର୍ବାଚନୀ ରାଲିରେଶ୍ରୀ ମୋଦୀ କହିଛନ୍ତି, ସମାଜବାଦୀ ପାର୍ଟି ଏବଂ କଂଗ୍ରେସ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ୍ୟ । ଏହି ଦୁଇ ଦଳ ପରିବାରବାଦ ଏବଂ ଦୁର୍ନୀତିରେ ଲିପ୍ତ ରହିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି ।

ଭଦୋହି ରାଲିରେ ସେ କହିଛନ୍ତି, ନିକଟରେ ଶ୍ରୀନଗର ନିର୍ବାଚନରେ ମତଦାନ ହାର ଉପତ୍ୟକାର ଲୋକଙ୍କ ଖୁସିକୁ ପ୍ରତିଫଳିତ କରୁଛି । ଏବେ ଜାମ୍ମୁ କାଶ୍ମୀରରୁ ଭୋଟ୍ ବ୍ୟାଙ୍କ ରାଜନୀତି ଶେଷ ହେବାକୁ ଯାଉଛି ବୋଲି ସେ କହିଛନ୍ତି ।

ପ୍ରତାପଗଡ଼ ଜିଲ୍ଲାରେ ମଧ୍ୟ ପ୍ରଧାନମନ୍ତ୍ରୀ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଏକ ନିର୍ବାଚନୀ ରାଲିରେ ଉଦ୍‌ବୋଧନ ଦେଇଥିଲେ । ଲକ୍ଷ୍ନୌର ରାଜ୍ୟପାଳ ଭବନରେ ଆଜି ରାତ୍ରୀ ଯାପନ ପରେ ଶ୍ରୀ ମୋଦୀ ଆସନ୍ତାକାଲି ବାରବାଙ୍କୀ, ଫତେପୁର ଏବଂ ହମିରପୁର ନିର୍ବାଚନ ମଣ୍ଡଳୀରେ ୩ଟି ରାଲିକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

ଅନ୍ୟପକ୍ଷରେ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧି ଭଦ୍ରା ରାୟବରେଲିରେ ପ୍ରଚାର କରିଛନ୍ତି। ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ମଧ୍ୟ ବାନ୍ଦାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ ।

## ରୋଡ୍ ଶୋ'-ଜେ.ପି. ନଡ୍ଡା

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓଡ଼ିଶା ଗସ୍ତରେ ଆଜି ଭୁବନେଶ୍ୱରଠାରେ ଏକ ରୋଡ୍ ଶୋ'ରେ ଅଂଶଗ୍ରହଣ କରିଛନ୍ତି। ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ବାହାରିଥିବା ଏହି ରୋଡ୍ ଶୋ' ମାଉସୀମା ମନ୍ଦିରରୁ ଲିଙ୍ଗରାଜ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା।

ଶ୍ରୀ ନଡ୍ଡା ବରଗଡ଼ର ପଦ୍ମପୁର ଏବଂ ସୁନ୍ଦରଗଡ଼ଠାରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କର ସପକ୍ଷରେ ନିର୍ବାଚନୀ ପ୍ରଚାର କରିଛନ୍ତି।

ଅନ୍ୟପକ୍ଷରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଭୁବନେଶ୍ୱର ଠାରେ ଏକ ରୋଡ୍ ସୋ' ମାଧ୍ୟମରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି । ଆସନ୍ତାକାଲି ସମ୍ବଲପୁର ଗସ୍ତରେ ଯାଇ ଅଇଁଠାପାଲି ଠାରେ ଏକ ନିର୍ବାଚନୀ ସଭାରେ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

ସୁବର୍ଣ୍ଣପୁର ଜିଲ୍ଲା ବୀର ମହାରାଜପୁର ବିଧାନସଭା ମଣ୍ଡଳୀର ଉଲୁଣ୍ଡା ଠାରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ବିଜୟ ସଂକଳ୍ପ

ସମାବେଶରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ । ସେହିଭଳି ଝାରସୁଗୁଡ଼ା ଠାରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ବିଜୟ ସଂକଳ୍ପ ଯାତ୍ରା ଏବଂ ବୁଦ୍ଧିଜୀବୀ ବୈଠକରେ ଯୋଗ ଦେଇଥିଲେ ।

## ଗଭ୍-ମେଡିସିନ୍

କେନ୍ଦ୍ର ସରକାର ମଧୁମେହ, ହୃଦୟ ଓ ଯକୃତ ରୋଗ ଭଳି ରୋଗର ଚିକିତ୍ସା ପାଇଁ ବ୍ୟବହୃତ ହେଉଥିବା ୪୧ଟି ସାଧାରଣ ବ୍ୟବହୃତ ଔଷଧ ଓ ୬ଟି ଫର୍ମୁଲେସନର ମୂଲ୍ୟ ହ୍ରାସ କରିଛନ୍ତି । ଅତ୍ୟାବଶ୍ୟକ ଔଷଧର ମୂଲ୍ୟ ସୁଲଭ ରଖିବା ଲକ୍ଷ୍ୟରେ ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ ପ୍ରାଧିକରଣ ଏନ୍.ପି.ପି.ଏ.ର ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ବିଭିନ୍ନ ଔଷଧର ହ୍ରାସ ପାଇଥିବା ମୂଲ୍ୟ ସମ୍ପର୍କରେ ତୁରନ୍ତ ବିକ୍ରେତା ଓ ଔଷଧ ମହଜୁଦ୍‌କାରୀଙ୍କୁ ଜଣାଇବାକୁ ଔଷଧ କଂପାନିଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି ।

# ଚୀନ୍-ରୁଷ୍

ଚୀନ୍-ରୁଷ୍ ମଧ୍ୟରେ ବ୍ୟାପକ ରଣନୈତିକ ଭାଗିଦାରୀକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଚୀନ୍ ରାଷ୍ଟ୍ରପତି ସି ଜିନ୍ ପିଙ୍ଗ୍ ଏବଂ ତାଙ୍କ ରୁଷୀୟ ପ୍ରତିପକ୍ଷ ଭ୍ଲାଦିମିର ପୁଟିନ୍ ଆଜି ଏକ ମିଳିତ ବିବୃତିରେ ସ୍ୱାକ୍ଷର କରିଛନ୍ତି।

ଦୁଇ ଦିନିଆ ସରକାରୀ ଗସ୍ତରେ ଯାଇ ଆଜି ସକାଳେ ବେଜିଂଠାରେ ପହଞ୍ଚିଥିବା ରାଷ୍ଟ୍ରପତି ପୁଟିନଙ୍କ ପାଇଁ ତାଙ୍କ ଚୀନ୍ ପ୍ରତିପକ୍ଷ ରେଡ୍ କାର୍ପେଟ୍ ପ୍ରସ୍ତୁତ କରିଥିଲେ। ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଉଭୟ ନେତା ଦୁଇ ଦେଶ ମଧ୍ୟରେ ଥିବା ରଣନୈତିକ ସମ୍ପର୍କକୁ ପ୍ରଶଂସା କରିଛନ୍ତି। ରୁଷ୍-ୟୁକ୍ରେନ ଯୁଦ୍ଧର ରାଜନୈତିକ ସମାଧାନ ହେବା ଉଚିତ ବୋଲି ବେଜିଂ ଏବଂ ମସ୍କୋ ସହମତ ହୋଇଛନ୍ତି ବୋଲି ଚୀନ୍ ରାଷ୍ଟ୍ରପତି କହିଛନ୍ତି। ରାଷ୍ଟ୍ରପତି ଭାବେ ପଞ୍ଚମଥର ପାଇଁ ଦାୟିତ୍ୱ ଗ୍ରହଣ କରିବା ପରେ ପୁଟିନଙ୍କର ଏହା ହେଉଛି ପ୍ରଥମ ଅନ୍ତର୍ଜାତୀୟ ଗସ୍ତ।

# ଫ୍ରାନ୍ସ-ଏମର୍ଜେନ୍ସି

ନିର୍ବାଚନ ସଂସ୍କାରକୁ ବିରୋଧ କରି ହିଂସାତ୍ମକ ବିକ୍ଷୋଭ ଉଗ୍ର ରୂପ ଧାରଣ କରିବା ପରେ ଫ୍ରାନ୍ସରେ ନ୍ୟୁ କାଲେଡୋନିଆର ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା

କରାଯାଇଛି । ନ୍ୟୁ କାଲେଡୋନିଆ ଅଷ୍ଟ୍ରେଲିଆର ପୂର୍ବ ଉପକୂଳଠାରୁ ବହୁ ଦୂରରେ ଅବସ୍ଥିତ ଫ୍ରାନ୍ସର ଏକ ବାହ୍ୟ ଅଞ୍ଚଳ । ଦ୍ୱୀପପୁଞ୍ଜରେ ପ୍ୟାରିସର ଭୂମିକାକୁ ନେଇ ଦୀର୍ଘ ଦିନ ଧରି ଚାଲିଥିବା ଉତ୍ତେଜନାର ଚାଲିଥିବା ବେଳେ ଏବେ ହିଂସାତ୍ମକ ପରିସ୍ଥିତି ସୃଷ୍ଟି ହୋଇଛି ।

ଫ୍ରାନ୍ସ ସାଂସଦମାନେ ଏହି ଅଞ୍ଚଳରେ ମତଦାନ ଅଧିକାର ପ୍ରଦାନ ପାଇଁ ନେଇଥିବା ନିଷ୍ପତ୍ତି ଉପରେ ପରବର୍ତ୍ତି ପଦକ୍ଷେପ ଲାଗି ପ୍ରସ୍ତୁତ ହେଉଥିବା ବେଳେ ଗତ ସୋମବାର ଠାରୁ ସେଠାରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ତେବେ ବିଶେଷଜ୍ଞଙ୍କ ମତରେ ଏହା ଆଦିବାସୀ କନକ ଜନସଂଖ୍ୟାକୁ ଅବହେଳିତ କରିପାରେ ଏବଂ ଫ୍ରାନ୍ସ ସମର୍ଥକ ରାଜନେତାଗଣ ଏହା ଦ୍ୱାରା ଉପକୃତ ହୋଇପାରନ୍ତି । ଜାତୀୟ ସଂସଦ ପ୍ରସ୍ତାବ ରାତାରାତି ସଂଶୋଧନ ଗୃହୀତ କରିଥିଲା । କିନ୍ତୁ ଏହାକୁ ଆଇନରେ ପରିଣତ କରିବାକୁ ହେଲେ ସଂସଦର ଉଭୟ ଗୃହରେ ମତଦାନ ହେବା ଆବଶ୍ୟକ ।

ଏହି ହିଂସାକାଣ୍ଡରେ ଜଡ଼ିତ ଥିବା ଅଭିଯୋଗରେ ପ୍ରାୟ ୧୩୦ ଜଣଙ୍କୁ ଗିରଫ କରାଯାଇଛି ବୋଲି ଫ୍ରାନ୍ସ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ବ୍ୟବସାୟ, ଭିତ୍ତିଭୂମି ଏବଂ ସରକାରୀ କୋଠା ଉପରେ ନିଆଁ ଲଗାଇବା ଓ ଲୁଟ୍ କରିବା ଭଳି ଅନେକ ଘଟଣା ଘଟିଥିବା କର୍ତ୍ତୃପକ୍ଷ କହିଛନ୍ତି । ଏଭଳିକି ଜେଲ୍ ଭାଙ୍ଗିବା ପାଇଁ ଚେଷ୍ଟା କରାଯାଇଛି ବୋଲି ଜଣାପଡ଼ିଛି ।

ଫ୍ରାନ୍ସ ସରକାର ଅତିରିକ୍ତ ପୋଲିସ ଅଧିକାରୀଙ୍କୁ ସେଠାରେ ମୁତୟନ କରିବାକୁ ଘୋଷଣା କରିଛନ୍ତି । ନ୍ୟୁ କାଲେଡୋନିଆ ରାଜଧାନୀ ନୁମିଆରେ ରାତି କର୍ଫ୍ୟୁ ଜାରି କରିବା ସହ ସମାବେଶ ଆୟୋଜନ ଉପରେ କଟକଣା ଜାରି କରାଯାଇଛି। ନୂଆଦିଲ୍ଲୀ ଏବଂ ନ୍ୟୁ କାଲେଡୋନିଆର ଲା ଟୋନ୍‌ଟୌଟା ଅନ୍ତର୍ଜାତୀୟ ବିମାନବନ୍ଦର ମଧ୍ୟରେ ବାଣିଜ୍ୟିକ ବିମାନ ଚଳାଚଳ ବନ୍ଦ ରହିଛି ।

# ଓଡ଼ିଶା ନିର୍ବାଚନ

ଓଡ଼ିଶାରେ ନିର୍ବାଚନୀ ହିଂସାକାଣ୍ଡରେ ଜଣଙ୍କର ମୃତ୍ୟୁ ହେବା ସହ ୩ ଜଣ ଆହତ ହୋଇଛନ୍ତି। ଗଂଜାମ ଜିଲ୍ଲାର ଖଲିକୋଟ ଅଞ୍ଚଳରେ ଗତ ରାତିରେ ପୋଷ୍ଟର ମାରିବାକୁ ନେଇ ଦୁଇ ରାଜନୈତିକ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ଏହି ଘଟଣାରେ ଆହତଙ୍କୁ ତୁରନ୍ତ ହସ୍‌ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଛି। ଏହି ଘଟଣାରେ ଜଡିତ ଅଭିଯୋଗରେ ପୁଲିସ୍ ୮ ଜଣଙ୍କୁ ଗିରଫ କରିଛି।

ଏହି ଘଟଣାରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜ୍ୟରେ କୌଣସି ପ୍ରକାର ନିର୍ବାଚନୀ ହିଂସାକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଏଥିରେ ଜଡ଼ିତ ଥିବା ଲୋକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଗଂଜାମ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଆରକ୍ଷୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଘଟଣା ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

## ମହା-ଡେଥ୍ ଟୋଲ୍ସ

ମୁମ୍ବାଇର ଘାଟକୋପର ଅଞ୍ଚଳରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ ଦ୍ୱାରା ଚାଲିଥିବା ଉଦ୍ଧାର କାର୍ଯ୍ୟ ଶେଷ ହୋଇଛି । ଗତ ସୋମବାର ଦିନ ପ୍ରବଳ ଧୂଳିଝଡ଼ ଏବଂ ପବନ ଯୋଗୁଁ ଏକ ବଡ଼ ହୋର୍ଡିଂ ଭୁଶୁଡ଼ି ପଡ଼ିବାରୁ ୧୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୭୫ ଜଣ ଆହତ ହୋଇଛନ୍ତି।

ମୁମ୍ବାଇର ନାଗରିକ କମିଶନର ଭୂଷଣ ଗଗରାନୀ ଗଣମାଧ୍ୟମକୁ କହିଛନ୍ତି, ଘଟଣା ସ୍ଥଳକୁ ଭଲ ଭାବେ ଯାଞ୍ଚ କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ହାଇଦ୍ରାବାଦର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ମୁକାବିଲା ହେବ। ତେବେ ବର୍ଷା ଯୋଗୁଁ ମ୍ୟାଚ୍ ଆରମ୍ଭ ହେବାରେ ବିଳମ୍ବ ହୋଇଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଦୁଇ ଦଳ ମଧ୍ୟରେ ଟସ୍ ମଧ୍ୟ ପଡ଼ିନଥିଲା । ତେବେ ଆଜିର ମ୍ୟାଚ୍‌କୁ ଜିତି ହାଇଦ୍ରାବାଦ୍ ପ୍ଲେ ଅଫ୍‌ରେ ନିଜର ସ୍ଥାନ ପକ୍‌କା କରିବାକୁ ଚେଷ୍ଟା କରିବ।